# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 August – 2025**

**News Editor : Tapan Kumar Moharana**

*******************************************

## ମୁଖ୍ୟ ସମ୍ବାଦ

- ସ୍ନାତକ ବିଦ୍ୟାର୍ଥୀଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ ଲକ୍ଷ୍ୟରେ ଆଜି ଭୁବନେଶ୍ୱରଠାରେ ଭାରତନେତ୍ରର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ଏଡ୍‌ସ୍ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ମହାବିଦ୍ୟାଳୟଗୁଡ଼ିକରେ ଖୋଲାଯିବ ରେଡ୍ ରିବନ୍ କ୍ଲବ୍
- ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୁସ୍ତକ ଯୋଗାଇବେ ସରକାର
- ଆସନ୍ତାମାସ ୧୫ ତାରିଖରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହେବା ନେଇ ଆଇନ୍ ମନ୍ତ୍ରୀଙ୍କ ସୂଚନା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

## ଭାରତନେତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ ଭୁବନେଶ୍ୱରଠାରେ ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ (ଭାରତ ନେତ୍ର)ର ଶୁଭାରମ୍ଭ କରିବେ। ସିଙ୍ଗାପୁରସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜୀ ନେଟ୍‌ୱାର୍କ-ଜିଏଫ୍‌ଟିଏନ୍, ନ୍ୟାସନାଲ ୟୁନିଭରସିଟି ଅଫ୍ ସିଙ୍ଗାପୁର ଏବଂ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସର ମିଳିତ ସହଯୋଗରେ ଭାରତନେତ୍ରର ଆରମ୍ଭ କରାଯାଉଛି। ଏହାର ପ୍ରଭାବରେ ୭ ହଜାର ସ୍ନାତକ ବିଦ୍ୟାର୍ଥୀଙ୍କ ପାଇଁ ନିଯୁକ୍ତି ସୁଯୋଗ, ୮୯୮ କୋଟି ଟଙ୍କାର ପରୋକ୍ଷ ଅର୍ଥନୀତିକ ପ୍ରଭାବ ଓ ୨୯୯ କୋଟି ଟଙ୍କାର ପ୍ରତ୍ୟକ୍ଷ ସମ୍ବଳ ସୃଷ୍ଟି ହେବ ବୋଲି ଜଣାପଡିଛି। ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ, ସାମର୍ଥ୍ୟକେନ୍ଦ୍ର ଏବଂ ଡିଜିଟାଲ ନବସୃଜନ ଓ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ପାଇଁ ଭାରତନେତ୍ର ଏକ ଉତ୍କର୍ଷ କେନ୍ଦ୍ର ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମାଗଣା ପାଠ୍ୟପୁସ୍ତକ

ରାଜ୍ୟରେ ଶିକ୍ଷାବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଛି।

ପରବର୍ତ୍ତୀ ସମୟରେ ସ୍କୁଲ ୟୁନିଫର୍ମ ଓ ପରିଚୟ ପତ୍ର ଥିବା ଛାତ୍ରଛାତ୍ରୀ ମାଗଣାରେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ଯାତ୍ରା କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ କହିଛନ୍ତି। ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯିବ ବୋଲି ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

**- V/O -** (ନିତ୍ୟାନନ୍ଦ ଗଣ୍ଡ)

ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଏକ ନୂଆ ଶିକ୍ଷା ପରିଷଦ ଗଠନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

## ଏଚ୍ଆଇଭି ସଚେତନତା

ରାଜ୍ୟର ସମସ୍ତ କଲେଜରେ ଏଚ୍ଆଇଭି-ଏଡ୍ସ୍ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ରେଡ୍ ରିବନ୍ କ୍ଲବ୍ ଖୋଲାଯିବ। ଏ ନେଇ ସମସ୍ତ ସରକାରୀ ଓ ବେସରକାରୀ ଏବଂ ବୈଷୟିକ କଲେଜକୁ ନିର୍ଦ୍ଦେଶ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ନେଇ କଲେଜରେ ରେଡ୍ ରିବନ କ୍ଲବ୍ ଗଠନ କରାଯିବ। କ୍ଲବ୍ ମାଧ୍ୟବରେ ଛାତ୍ରଛାତ୍ରୀଙ୍କ ବୟସକୁ ଦୃଷ୍ଟିରେ ରଖି ଏଚ୍ଆଇଭି ସମ୍ପର୍କରେ ସୂଚନା ପ୍ରଦାନ କରାଯିବ। କଲେଜ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଏହି କ୍ଲବ୍

ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି ।

# ଅନ୍‌ଲାଇନ୍ ଗେମିଂ

ଅନ୍‌ଲାଇନ୍ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଧେୟକ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି। ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍‌ଲାଇନ୍ ଗେମିଂ ବିଲ୍ ୨୦୨୫ ସଂସଦର ଉଭୟ ସଦନରେ ପାରିତ ହେବା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଭାରତକୁ ଗେମିଂ, ନବସୃଜନ ଏବଂ ସୃଜନଶୀଳତାର କେନ୍ଦ୍ର କରିବା ପ୍ରତି ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ବିଧେୟକ ଅନ୍‌ଲାଇନ୍ ଜୁଆ ଖେଳର କ୍ଷତିକାରକ ପ୍ରଭାବରୁ ସମାଜକୁ ରକ୍ଷା କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଭାରତରେ ପ୍ରତିଯୋଗିତାମୂଳକ କ୍ରୀଡାର ଏକ ବୈଧ ରୂପ ଭାବେ ଇ-ସ୍ପୋର୍ଟସ୍‌କୁ ସ୍ୱିକୃତି ପ୍ରଦାନ କରୁଛି। ଏ

ନେଇ କ୍ରୀଡା ମନ୍ତ୍ରଣାଳୟ ମାର୍ଗଦର୍ଶିକା ଓ ମାନଦଣ୍ଡ ପ୍ରସ୍ତୁତ କରିବ। ଇ-ସ୍ପୋର୍ଟର ଉନ୍ନତି ପାଇଁ ତାଲିମ୍ ଏକାଡେମୀ, ଗବେଷଣା କେନ୍ଦ୍ର ଏବଂ ପ୍ରଯୁକ୍ତିବିଦ୍ୟା ପ୍ଲାଟଫର୍ମର ପ୍ରତିଷ୍ଠା କରାଯାଇ ପ୍ରୋତ୍ସାହନ ଯୋଜନା, ସଚେତନତା ଅଭିଯାନ ଏବଂ ବ୍ୟାପକ କ୍ରୀଡାନୀତି  ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯିବ। କେନ୍ଦ୍ର ସରକାରଙ୍କୁ ଅନ୍‌ଲାଇନ୍ ସାମାଜିକ ଖେଳଗୁଡ଼ିକର ଚିହ୍ନଟ, ବର୍ଗୀକରଣ ଏବଂ ପଞ୍ଜୀକରଣ କରିବାର କ୍ଷମତା ଦିଆଯାଇଛି। ଏହା ଅଧୀନରେ ମନୋରଞ୍ଜନ, ଦକ୍ଷତା ବିକାଶ ଏବଂ ଡିଜିଟାଲ ସାକ୍ଷରତାରେ ସାମାଜିକ ଖେଳର ସକାରାତ୍ମକ ଭୂମିକା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ। ଅନ୍‌ଲାଇନ୍ ମନି ଗେମିଂର ପ୍ରସ୍ତାବ କିମ୍ବା ସୁବିଧା ପ୍ରଦାନ କରିବା କ୍ଷେତ୍ରରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା କରାଯାଇଛି।  ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ ଗେମ୍ସରେ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ଆଇଟି ବିଶେଷଜ୍ଞ **ହୋଚିମିନ୍ ଦେବତା** କହନ୍ତି...

## - V/O -

**ଧାଡି ଦର୍ଶନ**

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ମାସ ୧୫ ତାରିଖରୁ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭିଡ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁଗମ ଦର୍ଶନରେ ଧାଡ଼ି ବ୍ୟବସ୍ଥା ସହାୟକ ହେବ। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରାଯିବା ସହ ହୁଣ୍ଡି ସ୍ଥାନାନ୍ତରଣ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ରଥଭଙ୍ଗା

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ଭୋଇ ସର୍ଦ୍ଦାରଙ୍କ ନେତୃତ୍ୱରେ ରଥଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମେ ଦର୍ପଦଳନ ରଥ, ପରେ ତାଳଧ୍ୱଜ ରଥ ଓ ଶେଷରେ ନନ୍ଦିଘୋଷ ରଥ ଭଙ୍ଗା ଯିବାର ପରମ୍ପରା ରହିଛି। ଚକ, ପ୍ରଭା, ଦ୍ୱାରବେଢ଼ା, କୋଣଗୁଜ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ କରାଯିବ। ବଳକା କାଠକୁ କୋଠଭୋଗ ପ୍ରସ୍ତୁତିରେ ବ୍ୟବହାର କରାଯିବ ବୋଲି ଜଣାପଡିଛି।

## ତାଡ ବିଜେ ନୀତି

ଭାଦ୍ରବ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ କୁମ୍ଭାରପଡାସ୍ଥିତ ମା' ଆଲମଚଣ୍ଡୀଙ୍କ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୪ଟି ଗୋଟି ମାଟିର ତାଡ ଆଜି ପୁରୀ ଶ୍ରୀମନ୍ଦିରକୁ ବିଜେ କରାଯିବ। ମଧ୍ୟାହ୍ନ ଧୂପ ସରିବା ପରେ କୁମ୍ଭକାରମାନେ ସାତପୁରୀ ଘେନାଣ ନିମନ୍ତେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ସହିତ

ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯିବେ। ବନ୍ଦାପନା ସମ୍ପନ୍ନ ହେବା ପରେ ବିଜେ କାହାଳୀ ବାଜି ତାଡଗୁଡ଼ିକ ଶ୍ରୀମନ୍ଦିରକୁ ବିଜେ ହେବ। ଅନ୍ୟାନ୍ୟ ନୀତି ପରେ ଦକ୍ଷିଣକାଳୀଙ୍କ ସେବକ ଆଜ୍ଞାମାଳ ଶ୍ରୀମନ୍ଦିର ରୋଷଘରେ ପ୍ରଦାନ କରିବେ। ଆସନ୍ତାକାଲି ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହେବ। ମା' ଦକ୍ଷିଣକାଳୀ ମହାପ୍ରଭୁଙ୍କ ନିମନ୍ତେ ୭ ପ୍ରକାରର ପୂର ପିଠା ପ୍ରସ୍ତୁତ କରିବାର ପରମ୍ପରା ରହିଛି।

## ଆଧାର କମିଟି ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆଧାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଅଧିକ ଆଧାର ସଂଶୋଧନ କେନ୍ଦ୍ର ପ୍ରତିଷ୍ଠା, ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କ ଆଧାର ସଂଯୋଗ, ଆଧାର ଲିଙ୍କ ଜନ୍ମ ପ୍ରମାଣପତ୍ର ପ୍ରସ୍ତୁତ, ଠକେଇ, ଜାଲିଆତି, ନିରାକରଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଜନଆରୋଗ୍ୟ ଯୋଜନା

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି.କିରିଭାସନ୍‌ଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ମିଶନ ଇନ୍ଦ୍ରଧନୁଷ୍ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ଚିକିତ୍ସା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

## ତାଲିମ କାର୍ଯ୍ୟକ୍ରମ

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ରକ୍ତହୀନତା ମୁକ୍ତ ଗ୍ରାମପଂଚାୟତ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରକ୍ତହୀନତା ମୁକ୍ତ ଗ୍ରାମପଂଚାୟତ ଗଢ଼ିବା ପାଇଁ ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦିଆଯାଇଛି ।  ରକ୍ତହୀନତା ଲକ୍ଷଣ ଥିବା ବ୍ୟକ୍ତି ଯେଭଳି ସ୍ୱାସ୍ଥ୍ୟସେବାରୁ ବଂଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ତାଲିମ୍ ଶିବିର

**ନୟାଗଡ଼** ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଡିପିଆରସି ସମ୍ମିଳନୀ କକ୍ଷରେ ପ୍ୟାନେଲ୍ ଓକିଲ ଓ ସରକାରୀ କର୍ମଚାରୀଙ୍କ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଚ୍ଛଖଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଭିଡିଓ କନ୍‌ଫରେନ୍‌ସିଂ ନିଗମ-୨୦୨୦ ନିୟମ ୨୦୨୦ ଉପରେ ଆଲୋକପାତ କରିଥିଲେ ।

## ମତ୍ସ୍ୟଚାଷ ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ  ସମ୍ମିଳନୀ କକ୍ଷରେ ଜିଲ୍ଲାରେ ମତ୍ସ୍ୟଚାଷ ପ୍ରୋତ୍ସାହନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀଙ୍କୁ ଅଧିକ ମାଛ ଚାଷ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ

ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ସଂସ୍କରଣକୁ ଗତକାଲି ବିଜ୍ଞାନ ଓ  ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଲୋକସେବା ଭବନରେ ଶୁଭାରମ୍ଭ କରିଛନ୍ତି । ଟାଟା ଷ୍ଟିଲ୍, ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଏହି ପ୍ରତିଭା ଅନ୍ୱେଷଣର ଆୟୋଜନ କରାଯାଇଛି । କିମ୍ବଦନ୍ତୀ ପୁରୁଷ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ଜ୍ୟୋତିର୍ବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନର ପ୍ରଚାର ପ୍ରସାର କରିବା ଏହି ଅନ୍ୱେଷଣ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଚଳିତବର୍ଷ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ବିଷୟବସ୍ତୁ ହେଉଛି **ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ** । ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଓ

ଅନଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯିବ । ମୂଲ୍ୟାଙ୍କନ ଆଧାରରେ ୩୦ଜଣ ବିଜେତାଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ ।

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ସକ୍ରିୟ ଥିବାରୁ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ  ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ। ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ଟେନ୍‌ସାରେ ସର୍ବାଧିକ ୧୪୨ ଦଶମିକ ୮ ମିଲିମିଟର ବର୍ଷା ହୋଇଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ସୋମବାର ଦିନ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଅନୁମାନ କରାଯାଇଛି।